# ଭାରତୀୟ ଜନତା ପାର୍ଟି, ଓଡିଶା

### ଲୌହମାନବ ସର୍ଦ୍ଦାର ବଲ୍ଲଭଭାଇ ପଟେଲଙ୍କ ଜନ୍ମ ଦିନ ଅବସରରେ

## ଆସନ୍ତାକାଲି ରାଜ୍ୟର ସମସ୍ତ ବ୍ଲକ ଏବଂ ମଣ୍ଡଳସ୍ତରରେ ଏକତାକୁ ନେଇ ଗଣ ଦୌଡ କାର୍ଯ୍ୟକ୍ରମରେ ସାମିଲ ହେବେ ବିଜେପି କାର୍ଯ୍ୟକର୍ତ୍ତା

**ଭୁବନେଶ୍ୱର, ତା.୩୦/୧୦:** ଆସନ୍ତାକାଲି ଲୌହମାନବ ସର୍ଦ୍ଦାର ବଲ୍ଲଭଭାଇ ପଟେଲଙ୍କ ଜନ୍ମ ଦିନ । ସର୍ଦ୍ଦାର ପଟେଲଙ୍କ ପାଇଁ ଦେଶର ଏକତା ବଜାୟ ରହିଛି । ଏହି ଅବସରରେ ସର୍ଦ୍ଦାର ବଲ୍ଲଭଭାଇ ପଟେଲଙ୍କ ବିଶ୍ୱର ସବୁଠୁ ୧୮୨ ମିଟର ଉଚ୍ଚତା ବିଶିଷ୍ଟ ପ୍ରତିମୂର୍ତ୍ତି ଷ୍ଟାଚ୍ୟୁ ଅଫ ୟୁନିଟକୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଲୋକାର୍ପଣ କରିବେ । ଏଥି ସହ ଦେଶର ସମସ୍ତ ସ୍ଥାନରେ ଏକତାକୁ ବଜାୟ ରଖିବା ପାଇଁ ଗଣଦୌଡ କାର୍ଯ୍ୟକ୍ରମ ଆୟୋଜନ କରାଯାଇଛି ।

ରାଜ୍ୟ ସଭାପତି ଶ୍ରୀ ବସନ୍ତ ପଣ୍ଡାଙ୍କ ନିର୍ଦ୍ଦେଶକ୍ରମେ ରାଜ୍ୟର ସମସ୍ତ ବ୍ଲକ ଏବଂ ୧୦୦୧ ମଣ୍ଡଳରେ ଏକତାକୁ ନେଇ ଗଣ ଦୌଡ କାର୍ଯ୍ୟକ୍ରମ ଆୟୋଜନ ହେବ ବୋଲି ରାଜ୍ୟ ମୁଖପାତ୍ର ଗୋଲକ ମହାପାତ୍ର ସୂଚନା ଦେଇଛନ୍ତି । ଏହି ଗଣ ଦୌଡରେ ବିଜେପିର ସମସ୍ତ କାର୍ଯ୍ୟକର୍ତ୍ତାଙ୍କ ସମେତ ସାଧାରଣ ଜନତା ସ୍ୱତଃପ୍ରବୃତ୍ତ ଭାବେ ସାମିଲ ହେବାକୁ ଶ୍ରୀ ମହାପାତ୍ର ଅନୁରୋଧ କରିଛନ୍ତି ।

**(ବିଜେପି ମିଡିଆ ସେଲ୍)**